# ଆଇଆଇଟି : ମେଣ୍ଟ ଆକ୍ରମଣମୁଖୀ, ଆତ୍ମରକ୍ଷାର ବାଟ ଖୋଜୁଛି କଂଗ୍ରେସ

ଭୁବନେଶ୍ୱର, ତା୧୪।୬ (ଭୁ.ପ୍ର)– ଠିକ୍ ସମୟରେ କେନ୍ଦ୍ରର ଉପା ସରକାର ବିରୋଧରେ କହିବା ପାଇଁ ରାଜ୍ୟର ମେଣ୍ଟ ସରକାରଙ୍କୁ ଏକ ବଡ଼ ମୌକା ମିଳିଗଲା । ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠା ହେବ ନାହିଁ ବୋଲି କେନ୍ଦ୍ର ସରକାର କହିବା ପରେ ଏହି ଇସ୍ୟୁ ନେଇ ରାଜନୈତିକ ରୂପ ଦେବାକୁ ଆରମ୍ଭ କରିଛି । ଉଭୟ ବିଜେଡ଼ି ଓ ବିଜେପି ଏହାକୁ ନେଇ ଆକ୍ରମଣାତ୍ମକ ଦୃଷ୍ଟିଭଙ୍ଗୀ ଗ୍ରହଣ କରିଥିବାବେଳେ କଂଗ୍ରେସ ଆତ୍ମରକ୍ଷାର ବାଟ ଖୋଜୁଛି ।

କେନ୍ଦ୍ରର ନିଷ୍ପତ୍ତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋର ଚିନ୍ତା ପ୍ରକଟ କରିଛନ୍ତି । ସେ କହିଛନ୍ତି ଯେ ଏତେ ଚିଠି ଲେଖିଲି, ପ୍ରଧାନମନ୍ତ୍ରୀଙ୍କୁ ସବୁ ବିଷୟ ଅବଗତ କରାଇଥିଲି, ଆଶାଥିଲା ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ରକ୍ଷାକରାଯିବ; କିନ୍ତୁ ଏବେ କେନ୍ଦ୍ର ନିଷ୍ପତ୍ତିରେ ମୁଁ ବ୍ୟଥିତ ଓ ଆଶ୍ଚର୍ଯ୍ୟାନ୍ୱିତ ।

ତେଣେ ଶାସକ ମେଣ୍ଟର ଅନ୍ୟତମ ଅଂଶୀଦାର ଦଳ ବିଜେପି କଂଗ୍ରେସ ନେତୃତ୍ୱାଧୀନ କେନ୍ଦ୍ର ସରକାର ଉପରେ ସିଧାସଳଖ ଆକ୍ରମଣ କରିବା ପାଇଁ ଅଣ୍ଟା ଭିଡ଼ିଛି । ବିଜେପି ରାଜ୍ୟ ସଭାପତି ସୁରେଶ ପୂଜାରୀ 'ଆମେ ଲୋକଙ୍କ ପାଖକୁ ଯିବୁ' ବୋଲି କହିଛନ୍ତି । କେନ୍ଦ୍ରର ଉପା ସରକାର ବାରମ୍ବାର ଓଡ଼ିଶାକୁ ପ୍ରତାରିତ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦରେ ବିଜେପି ଆସନ୍ତା କାଲି ରାଜଭବନ ଆଗରେ ଧାରଣା ଦେବ ବୋଲି ସେ ଘୋଷଣା କରିଛନ୍ତି । ବିଜେଡ଼ି ମଧ୍ୟ ଅନୁରୂପ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି । ଦଳର ଯୁବ ଓ ଛାତ୍ର ସଙ୍ଗଠନ ପକ୍ଷରୁ 'ଓଡ଼ିଶା ପ୍ରତି କେନ୍ଦ୍ରର ଅବିଚାର ବିରୋଧରେ' ରାଜ୍ୟବ୍ୟାପୀ ବିକ୍ଷୋଭ ସମାବେଶର ଆୟୋଜନ କରାଯିବ ବୋଲି ଦଳର ଜଣେ ବରିଷ୍ଠ ନେତା ପ୍ରକାଶ କରିଛନ୍ତି ।

ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଇଆଇଟି ପ୍ରତିଷ୍ଠାକୁ ନେଇ ଏବେ ମଧ୍ୟ ଆଶା ହରାଇ ନାହାନ୍ତି । ସେ କହିଛନ୍ତି ମୁଁ ବାରମ୍ବାର କେନ୍ଦ୍ର ଉପରେ ଚାପ ପକାଇବି ।

କେନ୍ଦ୍ରର ଏହି ନିଷ୍ପତ୍ତି ରାଜ୍ୟ କଂଗ୍ରେସକୁ ଭାରି ଅଡୁଆ ପରିସ୍ଥିତି ମଧ୍ୟକୁ ଠେଲି ଦେଇଛି । ଆଇଆଇଟି ପ୍ରତିଷ୍ଠା ପ୍ରସଙ୍ଗରେ ଶାସକ ମେଣ୍ଟକୁ କିଭଳି ମୁକାବିଲା କରାଯିବ ତାହାର ଉତ୍ତର କଂଗ୍ରେସ ନେତାମାନଙ୍କ ପାଖରେ ନାହିଁ । କଂଗ୍ରେସ ସଭାପତି ଜୟଦେବ ଜେନା ପୂର୍ବ ଏନ୍‌ଡ଼ିଏ ସରକାରଙ୍କ ଦୋଷ ଖୋଜିବା ପାଇଁ ଉଦ୍ୟମ କରିଛନ୍ତି । ସେ କହିଛନ୍ତି 'ଏନ୍‌ଡ଼ିଏ ସରକାରଙ୍କ ଅମଳରେ କ'ଣ ବା ହୋଇଥିଲା ? ମନମୋହନ ସିଂହ ସରକାର ଓଡ଼ିଶାରେ ଜାତୀୟ ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠା କରିଛନ୍ତି;' କିନ୍ତୁ ଆଇଆଇଟି ପ୍ରତିଷ୍ଠା ପ୍ରସଙ୍ଗକୁ ଏଡାଇ ଯିବାକୁ ଚାହିଁଥିବା ଶ୍ରୀ ଜେନା 'ଆମେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବୁ' ବୋଲି କହିଛନ୍ତି ।

ଅନ୍ୟତମ ବିରୋଧୀ ଓଜିପି ସଭାପତି ବିଜୟ ମହାପାତ୍ର କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରିବାକୁ ପଛାଇ ନାହାନ୍ତି । ସେ କହିଛନ୍ତି ଆଇଆଇଟି ପ୍ରତିଷ୍ଠା ଓଡ଼ିଶାର ହକ୍ ଦାବି ହୋଇଥିବାବେଳେ ଏହାକୁ ଏଡାଇ ଦେଇ ଉପା ସରକାର ଭୁଲ୍ କରିଛି । ତେବେ ଆଇଆଇଟି ଯେ ଏକ ସମ୍ବେଦନଶୀଳ ଇସ୍ୟୁ ହେବାକୁ ଯାଉଛି ଏହା ଆଉ କାହାକୁ ଅଛପା ନାହିଁ ।


www.bluestarindia.com

Need water for instant hot or col
drinks?

You need Bottled Water Dispensers from the
Blue Star Bottled Water Dispensers, dispense drinking water at hot, col
temperatures. Which means that you can make tea or coffee or cold dri
you please. What's more, these dispensers are sleek, silent, save power
spill-proof bottle holder. Bottled Water Dispensers – yet another conve
from the Experts in cooling.

- Deep Freezers
- Bottled Water Dispensers
- Water Coolers
- Ice Machines
- Milk Coolers

BLUE STAR

For more information, please contact BLUE STAR LTD. Authorised D
9831783444 Keyton Solve 9339758805 N B Ref. 9830383881 Real Cool
India Trading Co. 2215 5126 Satya Aircon Sys. 9830996855 Trade Cool
9830107112 SOUTH BENGAL: Bajaj Traders 9932255620 Ramsons Trad
Electronics & Electricals 9434154530 Modern Commercial 254220
BHUBANESWAR: Nandighosh Trading Agency 9437055541 BIHAR: Pro
Lachit Ref. 2631729 Vee Dee Entrp. 9864066020 JHARKHAND: Narbher
2233282 ROURKELA: Penguins India 9437027044



